ବ୍ୟାସଙ୍କ ଦ୍ୱାରା ଧୃତରାଷ୍ଟ୍ରଙ୍କୁ ଦିବ୍ୟଚକ୍ଷୁଦାନ, ସଞ୍ଜୟଙ୍କଠାରୁ ଧୃତରାଷ୍ଟ୍ର ଓ ପଣ୍ଡୁଙ୍କର ବିଦ୍ୟାପାଠ

ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗପତି
କୁରୁବଂଶେ କୁମର ଯେ ପଣ୍ଡୁ ଉତପତ୍ତି । ୧ ।
ପୁତ୍ରନ୍ତ କୋଳେ ଧରି ସାନନ୍ଦ ଯୋଜନଗନ୍ଧା
ତ୍ରଇଲୋକ୍ୟ ମୋହନ ପୁତ୍ର ଦେଖି ସମସ୍ତେ କଲେ ଶ୍ରଦ୍ଧା । ୨ ।
ବ୍ୟାସଙ୍କ ବଦନ ଚାହିଂ ବୋଇଲେ ସତ୍ୟବତୀ
ଧର୍ମ ରକ୍ଷା କଲୁ ପୁତ୍ର ଉପୁଜାଇଲୁ ସନ୍ତତି । ୩ ।
ବଂଶେଣ ସାଧୁ ଯେ ଉପୁଜିଲା ତୋର ଧନି
ସୋମବଂଶ ଉଦ୍ଧରିଲୁ ତୁ ପଣ୍ଡିତ ଭିଗ୍ୟ ମୁନି । ୪ ।
ଆକାଶେଣ ସାଧୁ ସାଧୁ ତୋତେ କଲେ ବୃନ୍ଦାଅର୍କେ
ୟେସନେକ ପୁତ୍ର ଜାତ କରନ୍ତା ନାହି ୟେକେ । ୫ ।
ବାବୁ ଅମ୍ବିକାର ପୁତ୍ର ଗୋଟି ଯେ ଉପୁଜାଇଲୁ କୁଳ ଜ୍ୟେଷ୍ଠ
ଚକ୍ଷୁର ବିହୁନେ ନାମ ତା ହୋଇଲା ଧୃତିରାଷ୍ଟ୍ର । ୬ ।
------------
୫ ।୨ ୟେସନେକ କୀରତି ନାହିନା ତ୍ରିଲୋକେ ।
୬ ।୨ ଧୃତିରାଷ୍ଟ-ଧୃତରାଷ୍ଟ୍ର ।

ତୋହୋର ମହିମା ପୁତ୍ର ବଡ ଅସମ୍ଭବ ଜାଣ
ୟେତେ ବଳବନ୍ତା ପୁତ୍ର ହୋଇଲାକ ପୁଣ । ୭ ।
ମାତାର ବଚନେ ମୁନି ଧୃତିରାଷ୍ଟ୍ରକୁ ଦୟା କଲେ
ଦିବ୍ୟଚକ୍ଷୁ ମହାତମା ହୃଦୟେ ତାର ଦେଲେ । ୮ ।
ଗର୍ଭକୁ ଚାହିଁଲେ ତାକୁ ଦିଶଇ ସମସ୍ତ

Dhritarashtra sees through stomach

ତୁଳେଣ ଛାଡି ମୁନି ଗାଲବ୍ୟର ସୁତ । ୯ ।
ଅନ୍ତସିଦ୍ଧା କର୍ଣ୍ଣସିଦ୍ଧା ରସ ଧାତୁବାଦ ବିଦ୍ୟା
ଆକର୍ଷଣ ବିକର୍ଷଣ ଦୃଷ୍ଟିକୁ ମନ୍ତ୍ରସିଦ୍ଧା । ୧୦ ।
ଅନୁକ୍ରମେଣ ଆମନ୍ୟାୟେ ଅଙ୍ଗନ୍ୟାସ ଧ୍ୟାୟେ
ଯୋଗବ୍ରହ୍ମ ମୁଦ୍ରା ସାତୁକ୍ୟ ବ୍ରହ୍ମ ତଲ୍ଲୟେ । ୧୧ ।
ଧରଣ ଧାରଣ ବ୍ରହ୍ମ ଗୁଟିକା ଅଞ୍ଜନ ରସ ରସାୟନ
ସଞ୍ଜୟ କୁମାରକୁ କରାଇଲେ ପଠନ । ୧୨ ।
ଶର ଶାହାସ୍ତ୍ର ସୁର ସାଗର ସଂକଳ୍ପ ବଳ
ଗ୍ୟାନ ଧ୍ୟାନ ଶାସ୍ତ୍ର ସଂହିତା ବେଦ ବିଦ୍ୟା ସକଳ । ୧୩ ।
ୟେତେକେ ସଞ୍ଜୟକୁ କଲେ ସର୍ବଜିତା
ଆବର ଚଉଦ ବିଦ୍ୟା ଶତେ ଭାଷା ନିର୍ଜିତା । ୧୪ ।
ଧାର୍ମିକ ବିବେକ ସେ ଗାଲବ୍ୟର ସୁତ
ଅନ୍ଧ ନନ୍ଦନର ତୁଲେ କରାଇଲେ ପ୍ରିୟମତ । ୧୫ ।
ସଞ୍ଜୟେ କହନ୍ତେ ସେ ଶିଖଇ ଧୃତିରାଷ୍ଟ୍ର
ବ୍ୟାସର ପ୍ରସନ୍ନେ ସେ ମହା ଧାର୍ମିକ ବଳିଷ୍ଠ । ୧୬ ।
ପୁତ୍ରକୁ ପ୍ରତିପାଳିଲେ ଦେବୀ ଅନେକ ଯତନେ
ପୁତ୍ରକୁ ଦେଖିଣ ମୁନି ଗଲେ ଅନ୍ତର୍ଦ୍ଧାନେ । ୧୭ ।
ପୁତ୍ର ଦେଖି ହରଷ ଭୀଷ୍ମ ଭୂରିଶର୍ବା
ପାରେଶ୍ୱର ଶାୟେନ୍ତନୁ ଦେଖି ହରଷ ପୁତ୍ର ସମ୍ଭବା । ୧୮ ।
ଧୃତରାଷ୍ଟ ପଣ୍ଡୁ ପଢନ୍ତି ପୁତ୍ର ବେନି
ପାଳନ୍ତି ସତ୍ୟବତୀ ଦାସ ରାଜାର ନନ୍ଦନୀ । ୧୯-୧୧୧୧ ।

---------

୧୪ ।୧  ସଞ୍ଜୟକୁ କହିଲେ ସର୍ବସିଦ୍ଧା ।

୧୪ ।୨  ଚଉଦ ବିଦ୍ୟା ଶତେ ଶାଖା ଯେକା ନିରିଜିତା । ।

୧୦ ।୨  "ଆକର୍ଷଣ.......... ମନ୍ତ୍ରସିଦ୍ଧା" ପାଦାନ୍ତ ପରେ 'ଠ' ପୋଥିରେ ଅଧିକା ପାଠ:-
ସ୍ତମ୍ଭନ ମୋହନ ଆଦି ମନ୍ତ୍ରେ ଦେଇ ଲୟ
ଯୋଗ ବ୍ରହ୍ମା ଦମ୍ଭ ମୁଦ୍ରା ସାର୍ଥ କଲା କାୟ । (ଠ)

୧୧ ।୧  ଆମ୍ନାୟ-ବେଦପାଠ, ଅପଭ୍ରଂଶ-ଆମନ୍ୟାୟ

**************